# ମୌସୁମୀ


- **ନୀଳାମ୍ବର ରଥ**


ଦିନ ଦିନର
ପ୍ରଚଣ୍ଡ ତାତିରେ
ଜଳିଯାଇଥିବା
ଗଛ
ଅନେଇ ବସିଥିଲା
ମୌସୁମୀର
ଟୋପାଏ ଶୀତଳତାକୁ ।

ତମେ ଆସିଲାରୁ
ମୋ ଭିତରେ
କଅଁଳି ଉଠିଲା
ସମ୍ମୋହନର ତାଳପତ୍ର ।

ଏବେ
ମୌସୁମୀର ଆର୍ଦ୍ର ସ୍ପର୍ଶରେ
ବିଭୋର ମୋର ମନ
ରାତି ଦିନ ।


www.nilambarrath.com, Email: rath.nilambar@gmail.com